## ନଦୀରେ ବୁଡ଼ି ଯୁବକ ମୃତ

**ଭଞ୍ଜନଗର,୨୫ ।୪(ସମିସ):** ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇ ଜଣେ ଯୁବକଙ୍କ ମତ୍ୟୁ ଘଟିଛି । ମୃତକ ହେଲେ ଭଞ୍ଜନଗର ସହର ରେଡକ୍ରସ ସାହିର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ । ସେ ଗୁରୁବାର ରାତିରେ ନିକଟସ୍ଥ ଲୋହରାଖଣ୍ଡି ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ କେଉଁଠି ଦେଖି ପାରିନଥିଲେ । ଶୁକ୍ରବାର ସକାଳୁ ମାଲ ସାହି ନିକଟରେ ଲୋହରାଖଣ୍ଡି ନଦୀକୁ ଲୋକମାନେ ଶୌଚ ହେବାକୁ ଯାଇଥିବା ବେଳେ ଗୋଟିଏ ଶବ ପାଣିରେ ଭାସୁଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ । ପରେ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀ ପାଣିରୁ ଶବ ଉଦ୍ଧାର କରିଥିଲେ । ଶବଟି କୃଷ୍ଣଚନ୍ଦ୍ରଙ୍କ ବୋଲି ଜଣାପଡିଥିଲା । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତ ଯୁବକ ଜଣକ ଲୋହରାଖଣ୍ଡି ନଦୀ କୂଳରେ ଅଣ୍ଡା ଓ ଚିକେନ ପକୋଡା ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ ।

## ଦୁର୍ଘଟଣାରେ ବାଇକ୍‌ଚାଳକ ମୃତ

**କୋଦଳା,୨୫ ।୪(ସମିସ):** ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଉଜ୍ଜ୍ୱଳପଲ୍ଲୀର ସୁନୀଲ ଦାସ ଅଜଣା ଗାଡି ଧକ୍କାରେ ମୃତ୍ୟୁବରଣ କରିଛନ୍ତି । ଆଜି ସକାଳେ ସେ ଉଜ୍ଜ୍ୱଳପଲ୍ଲୀରୁ ମାନାପଲ୍ଲୀ ଅଭିମୁଖେ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କର ବାଇକ୍‌କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ କିଭଳି ଦୁର୍ଘଟଣା ଘଟିଛି ସେ ନେଇ ସ୍ପଷ୍ଟ ସୂଚନା ମିଳିନଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡିଟି ଚମ୍ପଟ ମାରିଛି । ବାଇକ୍‌ଟି ଦୁର୍ଘଟଣାରେ ଚୁରମାର ହୋଇଯାଇଛି । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଛି ।

## ମହିଳାଙ୍କୁ ଅସଦାଚରଣ

**ଦିଗପହଣ୍ଡି,୨୫ ।୪(ସମିସ):** ସାନଖେମୁଣ୍ଡି ବ୍ଲକ ମଳାଭଞ୍ଜା ଗ୍ରାମର ଜଣେ ମହିଳାଙ୍କୁ ଗ୍ରାମର ଦୁର୍ଯ୍ୟ ବେହେରା ଅସଦାଚରଣ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି । ମହିଳା ଜଣକ ଶୁକ୍ରବାର ସନ୍ଧ୍ୟାରେ ଶଶୁରଙ୍କ ସହ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଛନ୍ତି । ମହିଳା ଜଣକ ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ଗ୍ରାମର ବାଦୁଆ ପୋଖରୀକୁ ଲୁଗା ସଫା କରିବା ସହ ଗାଧୋଇବା ପାଇଁ ଯାଇଥିବା ବେଳେ ତାଙ୍କୁ ଏକୁଟିଆ ପାଇ ଦୁର୍ଯ୍ୟ ତାଙ୍କୁ ଟଣାଓଟରା କରିଥିଲେ । ସେ ପାଟି କରିବାରୁ ଦୁର୍ଯ୍ୟ ମହିଳାଙ୍କ ପିନ୍ଧା ଲୁଗା ଟାଣି ଠେଲି ଦେବାରୁ ସେ ତଳେ ପଡିଯାଇଥଲେ । ମହିଳା ଜଣକ ଚିକ୍ରାର କରିବାରୁ ସେ ସେଠାରୁ ଦୌଡ଼ି ପଳାଇଥିଲେ । ପରେ ମହିଳା ଜଣକ ପାଖ ଜମିରେ କାମ କରୁଥିବା ତାଙ୍କ ଶଶୁରଙ୍କୁ କାନ୍ଦି କାନ୍ଦି ସମସ୍ତ ଘଟଣା ଜଣାଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି । ପୁଲିସ ଘଟଣାର ତଦନ୍ତ କରୁଛି ।

## ବସ୍ ଧକ୍କାରେ ବାଇକ୍‌ଚାଳକ ଗୁରୁତର

**ପୋଲସରା,୨୫ ।୪(ସମିସ):** ପୋଲସରା ଥାନା ଲୁଣିଘାଟି ନୟାରା ପେଟ୍ରୋଲ ପମ୍ପ ନିକଟରେ ଶନିବାରଏକ ଘରୋଇ ବସ ଦୁର୍ଘଟଣା ଘଟାଇଛି । ନୀଳମାଧବ ନାମକ ଘରୋଇ ବସଟି ବୁଗୁଡାରୁ ପୋଲସରା ଅଭିମୁଖେ ଆସୁଥିବା ସମୟରେ ପେଟ୍ରୋଲ ପମ୍ପ ନିକଟରେ ଏକ ବାଇକ ସହ ଧକ୍କା ହୋଇଥିଲା । ଫଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି । ଆହତ ଜଣକ ହେଉଛନ୍ତି ପୋଲସରା ସୂର୍ଯ୍ୟନଗର ସାହିର ପ୍ରମୋଦ ପ୍ରଧାନଙ୍କ ପୁଅ ସୁମନ୍ତ ପ୍ରଧାନ । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପ୍ରଥମେ ପୋଲସରା ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ

**ଆସିକା,୨୫ ।୪(ସମିସ):** ଗଞ୍ଜାମ ଜିଲ୍ଲା କୋଟିନଡା ଥାନା ଅନ୍ତର୍ଗତ ଜୟପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଶୁକ୍ରବାର ବିଳମ୍ବିତ ରାତ୍ରରେ ଆକ୍ରମଣରେ ଗୋଟିଏ ପରିବାର ବାପା ଦୁଇ ପୁଅ ସମେତ ୩ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତଙ୍କୁ ପ୍ରଥମେ ଆସିକା ମେଡିକାଲ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ଗୁରୁତରମାନେ ହେଲେ ଗ୍ରାମର ଆଶିଷ ଲେଙ୍କା, ବିକାଶ ଲେଙ୍କା ଓ କୁନାଲ ଲେଙ୍କା । ଏମାନଙ୍କ ମୁଣ୍ଡ ସହ ଶରୀରର ପିଠି ଓ ହାତରେ କ୍ଷତ ଚିହ୍ନଥିବା ବେଳେ କୋଡ଼ି ବେଣ୍ଟରେ ଆକ୍ରମଣ କରାଯାଇଥିବା ସୂଚନା ରହିଛି । ଖବର ପାଇ ପୁଲିସ ଗାଁରେ ପହଁଞ୍ଚି ଅଧିକ ତଦନ୍ତ କରୁଛି । ଆକ୍ରମଣର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନଥିଲେ ବି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

# ପିଇବା ପାଣି ପାଇଁ ରାସ୍ତାରୋକ

**ପୁରୁଷୋତ୍ତମପୁର,୨୫ ।୪(ସମିସ)**



ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଜଗନ୍ନାଥପୁର ଶାସନ ଛକରେ ପିଇବା ପାଣି ପାଇଁ ରାସ୍ତାରୋକ କରିଛନ୍ତି ଲୋକେ । ଦୀର୍ଘଦିନ ଧରି ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଥିଲା । ଏନେଇ ପଞ୍ଚାୟତବାସୀ ସରପଞ୍ଚ ଓ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିଲା । ତେଣୁ ଶନିବାର ଶତାଧିକ ଗ୍ରାମବାସୀ ରାଜ୍ୟ ରାଜପଥ ଅବରୋଧ କରି ପ୍ରତିବାଦ କରିଥିଲେ । ଫଳରେ ପୁରୁଷୋତ୍ତମପୁର-ବ୍ରହ୍ମପୁର ରାସ୍ତାରେ ଯାତାୟାତ ଠପ ହୋଇଥିଲା । ରାଜ୍ୟ ସରକାର ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳଯୋଗାଣ ନେଇ ବିଜ୍ଞାପନ ଓ ହୋଡିଙ୍ଗ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଜଗନ୍ନାଥପୁର ଗ୍ରାମବାସୀ ପାନୀୟ ଜଳଯୋଗାଣରୁ ବହୁଦିନ ଧରି ବଞ୍ଚିତ ରହିଛନ୍ତି ।

ରାସ୍ତାରୋକ ଖବର ପାଇ ପୁଲିସ ଜଗନ୍ନାଥପୁର ଶାସନ ଗ୍ରାମ ଛକରେ ପହଞ୍ଚି ମହିଳା ମାନଙ୍କୁ ବୁଝାସୁଝା କରି ରାସ୍ତା ଅବୋରଧ ହଟାଇଥିଲେ । ଲାଗିରହିଥିବା ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ନର୍ମଦା ପାତ୍ର ଓ ଥାନା ଅଧିକାରୀ କୁଳମଣି ସେଠି, ଗ୍ରାମବାସୀ ବସି ଜିଲ୍ଲାପାଳ ଯୋଗାଯୋଗ କରି ସମାଧାନ ହୋଇଥିଲା ଏବଂ ଗ୍ରାମରେ ପାନୀୟ ଜଳ ଯୋଗାଣ ହୋଇଥିଲା ।

## ଜାତୀୟ ପଞ୍ଚାୟତିରାଜ ଦିବସରେ ୧୦ ସରପଞ୍ଚ ପୁରସ୍କୃତ



**ଦିଗପହଣ୍ଡି,୨୫ ।୪(ସମିସ):** ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ କରାଯାଇଛି । ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ଅନାମିକା ପାଣ୍ଡେ, ବ୍ଲକ ଅଧକ୍ଷା ଯମୁନା ନାୟକ, ଅତିରିକ୍ତ ବିଡ଼ିଓ ଉମେଶ ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ ଶତପଥୀ, ଜିପିଇଓ ରୋଜାଲିନ ଦଳାଇ, ବରିଷ୍ଠ କିରାଣୀ ଭି . କାମେୟା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ, ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରାୟ, ଗ୍ରାମ୍ୟ ପାନୀୟଜଳ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ଭୀମା ରାଓ, ସାଂସଦ ପ୍ରତିନିଧି କେ . ହରିବନ୍ଧୁ ରେ‡ୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ଜଣ ସରପଞ୍ଚଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବସ୍ ଚଳାଚଳ ବନ୍ଦକୁ ନେଇ ଅସନ୍ତୋଷ

**ରମ୍ଭା,୨୫ ।୪(ସମିସ):** ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ସହ ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରିବା ଲାଗି ପୂର୍ବ ସରକାରଙ୍କ ସମୟରେ 'ଲକ୍ଷ୍ମୀ' ବସ ଯୋଜନାର ଶୁଭାରମ୍ଭ ହୋଇଥିଲା । ବର୍ତ୍ତମାନ ରାଜ୍ୟ ସରକାରଙ୍କ ସମୟରେ ବସର ନାମ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଆଜି ବି ସେହି ଗନ୍ତବ୍ୟ ସ୍ଥଳକୁ ଏହି ବସ ଗୁଡିକ ଯାତାୟତ କରୁଛି । ଫଳରେ ଖଲ୍ଲିକୋଟ ବ୍ଲକର ମୁଖ୍ୟାଳୟରେ ମହିଳା, ପୁରୁଷ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଗହଳିଚହଳି ସର୍ବଦା ଲାଗି ରହୁଥିଲା । ଖଲ୍ଲିକୋଟ ବ୍ଲକରୁ ସାବୁଳିଆ, କନକା ଓ ଡିମ୍ବିରିଆ ପଞ୍ଚାୟତକୁ ୪ଟି ସମୟରେ ଜନ ସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେଉଥିଲା । ସହରକୁ ସଂଯୋଗ କରୁଥିବା ବହୁ ଗ୍ରାମ ଦେଇ ଏହି ସରକାର ବସ ଗୁଡିକ ଯିବା ଆସିବା କରୁଛି । ଯାହାକୁ ନେଇ ଦୈନିକ ଶହ ଶହ ଯାତ୍ରୀ, କଲେଜ ଓ କୋଚିଂ ଛାତ୍ରଛାତ୍ରୀ ଏହି ବସ ଉପରେ ନିର୍ଭର କରି ଯିବା ଆସିବା କରୁଥିଲେ । ଘରୋଇ ବସ ଗୁଡିକର ଭଡା ତୁଳନାରେ ସରକାରୀ ବସର ଭଡା ବିଜେପି ସରକାର ଛାତ୍ରଛାତ୍ରୀଙ୍କ ପାଇଁ କିଛି ଦିନ ହେବ ସମ୍ପୂର୍ଣ୍ଣ ଛାଡ଼ କରିଥିବା ବେଳେ ଅନ୍ୟ ମାନଙ୍କ ପାଇଁ କିଲୋ ମିଟର ଦର ହିସାବରେ ଭଡା ଆଦାୟ କରୁଥିବା ଜଣାଯାଇଛି । ଯାହାକୁ ନେଇ ଏବେବି ଲୋକଙ୍କ ମଧ୍ୟରେ ପୂର୍ବ ସରକାରଙ୍କ ଏହି ଲକ୍ଷ୍ମୀ ବସ ଯୋଜନାର ସଫଳତା ଏବଂ ରାଜ୍ୟ ବିଜେପି ସରକାରଙ୍କ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସହାନୁଭୂତି ଦେଖାଇ ସଂପୂର୍ଣ୍ଣ ମାଗଣା କରି ଉତ୍ସାହ ବଢ଼ାଇଥିଲେ । କିନ୍ତୁ କିଛିଦିନ ଧରି ଲକ୍ଷ୍ମୀ ବସ ଉପରୋକ୍ତ ଅଞ୍ଚଳ ପାଇଁ ନାମ, ରଙ୍ଗ ପରିବର୍ତ୍ତନ ନାମରେ ବନ୍ଦ ରଖି ଛାତ୍ରଛାତ୍ରୀ ମାନଙ୍କ ସଠିକ ସମୟ, ନିର୍ଦ୍ଦିଷ୍ଟ ସ୍ଥାନ ପହଞ୍ଚିବାରେ ବିଳମ୍ବ ଘଟିବା ଓ ଉପରୋକ୍ତ ବସ କେବେ ଚାଲୁ ରହିବ ତାହା ସାଧାରଣ ଯାତ୍ରୀଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପ୍ରହସନ ପାଲଟିଲା ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମ
# ଯୋଗ ଦେଲେନି ଦୁଇ ବିଧାୟକ

**କବିସୂର୍ଯ୍ୟନଗର,୨୫ ।୪(ସମିସ):** କବିସୂର୍ଯ୍ୟନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଟେଣ୍ଟ ଲଗାଯିବା ସହ ଏଲଇଡି ଲଗାଯାଇଥିଲା । କିନ୍ତୁ ବ୍ଲକ ପ୍ରଶାସନର ଅବହେଳା, ଅଦୂରଦର୍ଶିତା ହେତୁ କାର୍ଯ୍ୟକ୍ରମ ଫସର ଫାଟିଥିଲା । ହାତଗଣତି କିଛି ମହିଳା ଗୋଷ୍ଠୀର ସଦସ୍ୟା, ସରପଞ୍ଚ ପ୍ରତିନିଧି, ସମିତିସଭ୍ୟଙ୍କୁ ଦେଖିବାକୁ ମିଳିଥିଲା । ଆସିକା, କବିସୂର୍ଯ୍ୟନଗରର ଦୁଇ ବିଧାୟକଙ୍କ ଦେଖା ମିଳିନଥିଲା । ଏଭଳି କାର୍ଯ୍ୟକ୍ରମ ପ୍ରଶାସନର ପାରିବାପଣିଆ ଦାଣ୍ଡରେ ପଡି ହାଟରେ ଗଡୁଛି । କାର୍ଯ୍ୟକ୍ରମରେ ସରପଞ୍ଚ ଜନପ୍ରତିନିଧିଙ୍କୁ ଗୁରୁତ୍ୱ ଦିଆଯାଉଥିବା ବେଳେ ସରପଞ୍ଚଙ୍କୁ ଭାଷଣ ଦେବା ସୁଯୋଗ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି । ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରିଙ୍କ ଅଭିଭାଷଣ ଶୁଣିବାକୁ କେହି ନ ଥିଲେ । ଏପରକି ବ୍ଲକ ପ୍ରଶାସନ ମଧ୍ୟ ଭୋଜିରେ ମସଗୁଲ ଥିଲେ । ଭିଡିଓ କନଫରେନ୍ସ ମାଧ୍ୟମରେ ନେତାଙ୍କ ଉଦବୋଧନ ଶୁଣିବାକୁ ଚେୟାର ଫାଙ୍କା ପଡିଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ସରକାରଙ୍କ ଏଭଳି ଏକ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ଅବ୍ୟବସ୍ଥା ଘେରରେ ପାଳିତ ହୋଇଥିଲା ନେଇ ଆସିଥିବା ମହିଳା କ୍ଷୋଭ ପ୍ରକାଶ କରିଛନ୍ତି ।

● ରାଜଦୀପ ସାହୁ ହତ୍ୟା ଘଟଣା
## ଅଭିଯୁକ୍ତକୁ ରିମାଣ୍ଡରେ ଆଣିଲା ପୁଲିସ

**ପୋଲସରା,୨୫ ।୪(ସମିସ):** ପୋଲସରା ଥାନା ମାଳତେନ୍ତୁଳିଆ ଗ୍ରାମର ରାଜଦୀପ ସାହୁଙ୍କୁ ତାର ସମ୍ପର୍କୀୟ ଭାଇ ସୁବ୍ରତ ସାହୁ ଗତ ୧୬ତାରିଖ ଦିନ ଅପହରଣ କରି ବିଳମ୍ବିତ ରାତିରେ ସହଯୋଗୀ ସହ ମିଶି ହତ୍ୟା କରିଥିଲା । ପୁଲିସ ସୁବ୍ରତକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏଥିସହ ପୋଲସରା ଜେଏମଏଫସି କୋର୍ଟରେ ସୁବ୍ରତକୁ ଦୁଇଦିନିଆ ରିମାଣ୍ଡରେ ଆଣିବା ଲାଗି ପୁଲିସ ଆବେଦନ କରିଥିଲା । ଶନିବାର ଅପରାହ୍ନରେ ହତ୍ୟାକାରୀ ସୁବ୍ରତକୁ ଦୁଇଦିନିଆ ରିମାଣ୍ଡରେ ଆଣିଛି ପୋଲସରା ପୁଲିସ । ହତ୍ୟାକାଣ୍ଡ କିଭଳି ଘଟାଇଥିଲା ଏବଂ ଏହି ଘଟଣାରେ ଅନ୍ୟ କିଏ କିଏ ସମ୍ପୃକ୍ତ ଅଛି ସେନେଇ ଅଧିକ ଖୋଳତାଡ଼ କରାଯିବ ଏବଂ ହତ୍ୟାକାଣ୍ଡର ସିନ୍ ରିକ୍ରିଏସନ କରିବା ସହ ଅଧିକ ତଦନ୍ତ ଲାଗି ରିମାଣ୍ଡରେ ଅଣାଯାଇଥିବା ନେଇ ପୁରୁଷୋତ୍ତମପୁର ଉପଖଣ୍ଡ ଅଧିକାରୀ ସୁଜିତ ନାୟକ ସୂଚନା ଦେଇଛନ୍ତି ।

## ଉପମୁଖ୍ୟମନ୍ତ୍ରୀଙ୍କ ତାମ୍ପରା ହ୍ରଦ ପରିଦର୍ଶନ



**ଛତ୍ରପୁର,୨୫ ।୪(ସମିସ):** ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗ୍ରସ୍ତରେ ଆସୁଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶନିବାର ଛତ୍ରପୁର ନିକଟ ତାମ୍ପରା ହ୍ରଦକୁ ପରିଦର୍ଶନ କରିଥିଲେ । ଏହାର ସର୍ବାଙ୍ଗୀନ ବିକାଶ, ଭିତ୍ତିଭୂମିର ଉନ୍ନତିକରଣ ଓ ଭବିଷ୍ୟତରେ ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସମୀକ୍ଷା ଓ ଆଲୋଚନା କରିଥିଲେ ଉପମୁଖ୍ୟମନ୍ତ୍ରୀ । ତାମ୍ପରାର ପୁନଃରୁଦ୍ଧାର, ପର୍ଯ୍ୟଟକଙ୍କୁ ଆହୁରି ଆକୃଷ୍ଟ କରିବା ନିମନ୍ତେ ନୂତନ ପୁଞ୍ଜିନିବେଶ ମାନଙ୍କୁ ନିମନ୍ତ୍ରଣ କରିବା, ପରିବେଶ ସୁରକ୍ଷା ଓ ସ୍ଥାନୀୟ ଅଞ୍ଚଳର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିଧାୟକ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । କମିଶନର ତଥା ଓଡ଼ିଶା ପର୍ଯ୍ୟଟନ ବିଭାଗ (ଓଡ଼ିଶା )ବଳବନ୍ତ ସିଂହ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଆକବରମ ସସ୍ୟା ରେ‡ୀ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଜନକ କୁମାର ତରାଇ, ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜୀତ ସାହୁ, ପୋଗ୍ରାମ କୋଡିନେଟର ବାଣୀ ସୁକାନ୍ତ ବେବର୍ତ୍ତା ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ



**ଛତ୍ରପୁର,୨୫ ।୪(ସମିସ):** ନିଖିଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ରାଜ୍ୟସଂଘର ୪୧ତମ ରାଜ୍ୟସ୍ତରୀୟ ସମ୍ମିଳନୀ ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ ରଷୁକୁଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ରୂପକେଶରୀ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ ଦାବି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଇବେ । ଯେଉଁ ଦାବି ଗୁଡିକ ମୁଖ୍ୟତଃ ରହିଛି ସେଗୁଡିକୁ ପୂରଣ କରିବା ପାଇଁ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟସଂଘର ସଭାପତି ସୁବଳ କିଶୋର ମହାନ୍ତି କହିଛନ୍ତି, ରାଜ୍ୟସଂଘ ସଦାସର୍ବଦା ସଂଘର ସଦସ୍ୟମାନଙ୍କ ହିତରେ କାର୍ଯ୍ୟ କରୁଛି । ସଂଘର ମୌଳିକ ଦାବି ଗୁଡିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ ଦିଗରେ ଚେଷ୍ଟିତ ହୋଇଛି । ବୈଠକରେ ଗଞ୍ଜାମ ଜିଲ୍ଲା ସଂଘର ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ଓ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଚନ୍ଦ୍ର ଦାଶ ମଞ୍ଚାସୀନ ଥିଲେ । ରାଜ୍ୟ ସଂଘର ସାଧାରଣ ସମ୍ପାଦକ ସୀମାଞ୍ଚଳ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ୬୦ ବର୍ଷରୁ ୬୨ ବର୍ଷକୁ ଚାକିରିର ଅବସର ବୟସ ବୃଦ୍ଧି, ବିନା କଟକଣାରେ ଅନୁକମ୍ପାମୂଳକ ସାହାଯ୍ୟ ସ୍କିମ୍ ପ୍ରଦାନ କରାଯାଉ, ୨୦୦୫ ମସିହା ପରଠୁ ସମସ୍ତ କର୍ମଚାରୀମାନଙ୍କର ଜାତୀୟ ପେନ୍‌ସନ୍ ଯୋଜନା ପରିବର୍ତ୍ତେ ପୁରୁଣା ପେନ୍‌ସନ୍ ଯୋଜନା ଲାଗୁ କରାଯିବା ଭଳି ୯ଟି ଦାବି ଉପରେ ଆଲୋଚନା ହୋଇଥିଲା । ପରେ ରାଜ୍ୟସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ପରାମର୍ଶଦାତା ଭାବେ ସୀମାଞ୍ଚଳ ମହାନ୍ତି, ସଭାପତି ସୁବଳ କିଶୋର ମହାନ୍ତି, ଉପସଭାପତି ଗିତାଞ୍ଜଳୀ ଦେହୁରୀ, ଅନନ୍ତ ପାତ୍ର, ସୁରେଶ କୁମାର ସାହୁ ଓ ଡମ୍ବରୁଧର ଗୌଡ଼, ସାଧାରଣ ସମ୍ପାଦକ ସୋମନାଥ ଦାସ, ସହ ସମ୍ପାଦକ ଗୁପ୍ତ ଜାନି, ଦିଲ୍ଲୀପ କୁମାର ଦାସ, ଦିଲ୍ଲୀପ କୁମାର ସାହୁ ଓ ପ୍ରମିଳା ବାଗ୍, ସଂଗଠନ ସମ୍ପାଦକ ମହେନ୍ଦ୍ର ସୁଆର, ଡମ୍ବରୁଧର ବେହେରା ଓ ଲକ୍ଷ୍ମୀକାନ୍ତ ଜାନି, କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ଦାଶ, ସାଂସ୍କୃତିକ ସମ୍ପାଦକ ଯୁଗଜ୍ୟୋତି ବେହେରା ପ୍ରମୁଖ ୧୬ ଜଣିଆ କମିଟିକୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅନୁମୋଦନ କରାଯାଇଥିଲା ।

ସେହିପରି ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ରାଜ୍ୟ ସଂଘର ନବ ନିର୍ବାଚିତ କମିଟି ଗଠନ ସମୟରେ ବିଶୃଙ୍ଖଳା କରୁଥିବା ନେଇ ଖୋର୍ଦ୍ଧା ଜିଲ୍ଲାର ତ୍ରିନାଥ ସେଠୀଙ୍କ ସଭ୍ୟ ପଦ ରଦ୍ଦ ସହିତ ସବୁଦିନ ପାଇଁ ବହିଷ୍କାର କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ଅସହାୟ କନ୍ୟାଙ୍କ ବିବାହ ପାଇଁ ବିଧାୟକଙ୍କ ସହାୟତା

**ଛତ୍ରପୁର,୨୫ ।୪(ସମିସ):** ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଶନିବାର ଜଣେ ଅସହାୟ ଅନାଥ କନ୍ୟାର ବିବାହ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଛତ୍ରପୁର ବ୍ଲକ କାଳିପଲ୍ଲୀ ପଞ୍ଚାୟତ ଉପୁଲାପୁଟି ଗ୍ରାମର ସ୍ୱର୍ଗତ ଭାସ୍କର ସେଠୀ ଓ ସ୍ୱର୍ଗତା ରଜନୀ ସେଠୀଙ୍କ କନ୍ୟା ରାଜେଶ୍ୱରୀ ସେଠୀଙ୍କ ଆସନ୍ତକାଲି ବିବାହ କାର୍ଯ୍ୟକ୍ରମ ରହିଛି । ଜଣେ ଅସହାୟ କନ୍ୟାର ବିବାହର ସୂଚନା ପାଇ ଛତ୍ରପୁର ବିଧାୟକ ଶ୍ରୀ ନାୟକ ଉକ୍ତ ଗାଁରେ ପହଞ୍ଚି ରାଜେଶ୍ୱରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ବିଧାୟକଙ୍କ ଏହି ସହାୟତା ପାଇଁ ଉପୁଲାପୁଟି ଗ୍ରାମ ଏବଂ ଅସହାୟ କନ୍ୟା ରାଜେଶ୍ୱରୀ ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ବିଧାୟକଙ୍କ ସହ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, କାଳିପଲ୍ଲୀ ସରପଞ୍ଚଙ୍କ ସ୍ୱାମୀ ବି. ଚନ୍ଦ୍ରମଣି ପାତ୍ର, ସଞ୍ଜିତ୍ କୁମାର ରାଉଳ ଓ ଯୁବ ନେତା ବନୋଜ ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀ ସିଦ୍ଧିବିନାୟକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ
# ମହାମାୟୀ ଟିମ୍ ଚାମ୍ପିଅନ




**ଦିଗପହଣ୍ଡି,୨୫ ।୪(ସମିସ):** ଦିଗପହଣ୍ଡି ବ୍ଲକ କୁଶପଡା ଗ୍ରାମରେ ଚାଲିଥିବା ଶ୍ରୀସିଦ୍ଧି ବିନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ମହାମାୟୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୮୬ ରନ୍ କରିଥିଲା । ଜବାବରେ ବଜରଙ୍ଗୀ ଟିମ୍ ମାତ୍ର ୫୦ ରନ୍ ହାସଲ କରି ପରାଜିତ ହୋଇଥିଲା । ମହାମାୟୀ ଟିମ୍‌କୁ ଚାମ୍ପିୟନ ଘୋଷଣା କରାଯାଇଥିଲା ।। ଉଦଯାପନୀ ସମାରୋହରେ ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଏମ୍. ନିରଞ୍ଜନ ରେ‡ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ସରପଞ୍ଚ ଏସ୍. ଗାନ୍ଧୀ ଦୋରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଚାମ୍ପିଅନ ଟିମ୍‌କୁ ୧୬ ହଜାର ଏବଂ ରନର୍ସଅପ୍ ଟିମ୍‌କୁ ୧୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଅକ୍ଷୟ ସାହୁ ଓ ଚନ୍ଦନ ଦୋରା ଫାଇନାଲ ମ୍ୟାଚରେ ଅମ୍ପାୟରିଂ କରିଥିବା ବେଳେ ଅଶ୍ୱିନୀ ସାହୁ, ସୀମା ଦୋରା, ରବି ଦୋରା, କିରଣ ବିଷୋୟୀ, ଜିତେନ ଦୋରା, ସାଗର ଦୋରା, ଚନ୍ଦନ ସେଠୀ, ବବୁଲ ଦୋରା, ରିତେଶ ଦୋରା, ଶଙ୍କର ସେଠୀ, ସାନୁ ମହାରଣା, ଶୁଭମ ଦୋରା, ପ୍ରେମ ଦୋରା ପ୍ରମୁଖ ଆୟୋଜକ କ୍ଲବ୍ ସଦସ୍ୟ ବୃନ୍ଦ ସମସ୍ତ ସହଯୋଗ କରିଥିଲେ ।

## ନୂତନ ବିଚାରପତିଙ୍କୁ ସମ୍ବର୍ଦ୍ଧନା

**କବିସୂର୍ଯ୍ୟନଗର,୨୫ ।୪(ସମିସ):** କବିସୂର୍ଯ୍ୟନଗର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭାବେ ନିଯୁକ୍ତି ପାଇଛନ୍ତି ଅମ୍ବିକେଶ ପାଣିଗ୍ରାହୀ । ଶନିବାର ତାଙ୍କୁ କବିସୂର୍ଯ୍ୟନଗର ବାର ଆସୋସିସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ପୂର୍ବରୁ ସେ କେନ୍ଦୁଝରରେ ସଫଳତା ସହ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି । କବିସୂର୍ଯ୍ୟନଗର କୋର୍ଟରେ ପୂର୍ବରୁ ମିସ ଗାର୍ଗୀ ରାୟ ତିନି ବର୍ଷ ସୁଚାରୁରୂପେ କାର୍ଯ୍ୟ କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବାର ଆସୋସିସନ ସଭାପତି ସୁକୁମାର ମାଝୀ, ଉପସଭାପତି ଅଶୋକ କୁମାର ମହାରଣା, ସମ୍ପାଦକ ଚଣ୍ଡୀପ୍ରସାଦ ପ୍ରଧାନ, ସହ ସମ୍ପାଦକ ଯଦୁକୁଳ ପଟ୍ଟନାୟକ, ସରକାରୀ ଓକିଲ ମୁରଲୀଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋପାଳପୁର ରାଲିରେ ଅବସରପ୍ରାପ୍ତ ସୈନିକ ସଂଘ



**କବିସୂର୍ଯ୍ୟନଗର,୨୫ ।୪(ସମିସ):** ଅବସରପ୍ରାପ୍ତ ସୈନିକ ସଂଘର ୫୧ ଜଣ ପରିବାର ସଦସ୍ୟ ଯୋଗ ଦେଇଥିଲେ ଗୋପାଳପୁରରେ ଆୟୋଜିତ ରାଡିରେ ଯୋଗଦେଇଛନ୍ତି । ରାଲିରେ ଗୋପାଳପୁର ଏଡି ସେଣ୍ଟରରେ କମାଣ୍ଡାର ଉପସ୍ଥିତ ରହି ଅବସର ସୈନିକ ପରିବାରର ବିଭିନ୍ନ ସ୍ଥାନୀୟ ସମସ୍ୟା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ସହଯୋଗରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଡା. କଂଗ୍ରେସ ପ୍ରଧାନଙ୍କ ନେତୃତ୍ୱରେ ବିଜୟ କୁମାର ପାଣିଗ୍ରାହୀ, ଶରତ ଚନ୍ଦ୍ର ସାହୁ, ଉଦୟ ନାଥ ସ୍ୱାଇଁ, ନାରସୁ ବେହେରା, ମନମୋହନ ପାଣିଗ୍ରାହୀ, କେଶବ କୁମାର ମହାନ୍ତି, ସୁବାସ ଚନ୍ଦ୍ର ସ୍ୱାଇଁ, ଆଶିଷ କୁମାର ଝା, ପଞ୍ଚାନନ ସାମଲ, ରବିନାରାୟଣ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ ।

### ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗର ସମୀକ୍ଷା

# ଅଙ୍ଗନବାଡ଼ି କେନ୍ଦ୍ରର ଅବ୍ୟବସ୍ଥା ନେଇ ଉପମୁଖ୍ୟମନ୍ତ୍ରୀ କ୍ଷୁବ୍ଧ

**ଛତ୍ରପୁର, ୨୫।୪(ସମିସ)**

ଗଞ୍ଜାମ ଜିଲ୍ଲାରେ ମହିଳାମାନଙ୍କ ଦବ୍‌ଦବା ଅଧିକ। ଏଠି ଆରାଧ୍ୟ ଦେବୀ ମା'ତାରାତାରିଣୀଙ୍କ ପୀଠ ରହିଛି। ଏହି ଜିଲ୍ଲାରେ ମହିଳାମାନଙ୍କ ବିକାଶ ପାଇଁ ନିଜେ ମହିଳାମାନେ ଆଗକୁ ଆସିବାକୁ କେଉଁଠି ଅସୁବିଧା ରହୁଛି। ମହିଳା ମାନଙ୍କ ବିକାଶ ଦିଗରେ ଓଡ଼ିଶା ସରକାର ସଦାସର୍ବଦା ଚେଷ୍ଟିତ। ମହିଳା ମାନଙ୍କୁ ସଶକ୍ତିକରଣ ଦିଗରେ 'ସୁଭଦ୍ରା' ଯୋଜନା ଠାରୁ ଆରମ୍ଭ କରି ଲକ୍ଷପତି ଦିଦି ପରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଗଞ୍ଜାମ ଜିଲ୍ଲାରେ ୨୦୨୭ ବେଳକୁ ୩ ଲକ୍ଷ ଲକ୍ଷପତି ଦିଦିଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟ ରଖାଯାଇଛି। ଏହାସହ ଗଞ୍ଜାମ ଜିଲ୍ଲାକୁ ବିକଶିତ ଜିଲ୍ଲା ଭାବେ ଗଠନ କରିବା ଲକ୍ଷ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ, ମିସନ୍ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡିକର ଗୁରୁଦାୟିତ୍ୱ ମିଳିଛି ଏହି ବିଭାଗର ସମସ୍ତ ଯୋଜନା ଗୁଡିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଦିଗରେ ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି।

ଆଜି ଗଞ୍ଜାମ ଜିଲ୍ଲା ପରିଷଦ ରଷୁକଲ୍ୟା ଭବନ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ, ମିଶନ୍ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଅଧ୍ୟକ୍ଷତା କରି ଜିଲ୍ଲାରେ ଅଙ୍ଗନବାଡି କେନ୍ଦ୍ର ଗୁଡିକର ସ୍ଥିତି ନେଇ ଆଲୋଚନା କରିଥିଲେ। ଜିଲ୍ଲାରେ ୫୧୭୨ଟି ଅଙ୍ଗନବାଡି କେନ୍ଦ୍ର ପାଇଁ ଅନୁଦାନ ମଞ୍ଜୁର ହୋଇଥିବା ବେଳେ ୩୧୯୦୮ଟି କେନ୍ଦ୍ର ନିଜସ୍ୱ କୋଠାରେ କାର୍ଯ୍ୟକ୍ଷମ ହେଉଛି। ୪୯୨ଟି କେନ୍ଦ୍ର ଭଡ଼ାରେ ଚାଲିଛି। ୪୭୦ଟି କେନ୍ଦ୍ର ସ୍କୁଲ କୋଠାରେ ଚାଲିଛି। ୩୪୨ଟି କେନ୍ଦ୍ର କୋଠଘର ଗୁଡିକରେ ଚାଲିଥିବା ବେଳେ ୬୧୭ ଟି କେନ୍ଦ୍ର ନିର୍ମାଣାଧୀନ ରହିଛି। ୪୭୧ଟି କେନ୍ଦ୍ରର କାମ ଆଦୌ ଆରମ୍ଭ ହୋଇନଥିବା ନେଇ ବିରକ୍ତି ପ୍ରକାଶ କରିବା ସହ କେଉଁ କାରଣରୁ କାମ ଆରମ୍ଭ ହୋଇନାହିଁ ତାହାରି ସମୀକ୍ଷା କରି ତୁରନ୍ତ କାମ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ଏକ ହଜାର ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ୍ ସେବା ନଥିବା ବେଳେ ଏଥିରେ ଯଦି କିଛି ସମସ୍ୟା ରହୁଛି ତେବେ ସୌରଚାଳିତ ତଥା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ବ୍ୟବସ୍ଥା କରିବ ତୁରନ୍ତ କାର୍ଯ୍ୟକାରୀ କରାଯାଉ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି, ଗଞ୍ଜାମ ଜିଲ୍ଲାରେ ଛତୁଆ ପ୍ରସ୍ତୁତ କେନ୍ଦ୍ର ଗୁଡିକରେ କ୍ୱାଲିଟି ଛତୁଆ ପ୍ରସ୍ତୁତ ହେଉନଥିବା ନେଇ ବହୁବାର ଅଭିଯୋଗ ଆସୁଛି। ଏଣୁ ସରକାରଙ୍କ ନିୟମ ଧାର୍ଯ୍ୟାନୁସାରେ ଛତୁଆ ମିଶ୍ରଣ ବେଳେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଛତୁଆର କ୍ୱାଲିଟି ତାଦରଖ କରାଯିବ। ଯଦି କୌଣସି ଅବହେଳା କିମ୍ବା କ୍ୱାଲିଟିରେ କିଛି ସମସ୍ୟା ରହେ ତେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ଜିଲ୍ଲାର ସବୁ ପର୍ଯ୍ୟଟନ ସ୍ଥଳୀ ଗୁଡିକୁ ବିକସ ଲାଗି ସରକାର ୩ଟି ସର୍କିଟରେ ବିଚ -ସର୍କିଟ୍, ଶ୍ରୀ ଜଗନ୍ନାଥ -ସର୍କିଟ୍ ଏବଂ ଶକ୍ତି-ସର୍କିଟ୍ ମାଧ୍ୟମରେ ବିକାଶ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି। ସେହପିର ଗଞ୍ଜାମ ଜିଲ୍ଲାକୁ ଦାଦନମୁକ୍ତ, ଅଧିକାରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା ନେଇ ବିଭିନ୍ନ ଲାଇନ୍ ବିଭାଗର ସମନ୍ୱୟରେ 'ସମ୍ପୂର୍ଣ୍ଣ ଶ୍ରୀ' ମିସନ୍ ପ୍ରକଳ୍ପ ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବୈଠକରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ମଞ୍ଚାସୀନ ଥିବାବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗିତାଞ୍ଜଳୀ ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇଙ୍କ ସମେତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ସିଡିପିଓମାନେ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜନଆକ୍ରୋଶ ମହିଳା ସମାବେଶ

**ଭଞ୍ଜନଗର, ୨୫।୪(ସମିସ):** ଘୁମୁସର ବିଜେପି ସାଂଗଠନିକ ଜିଲ୍ଲା ପକ୍ଷରୁ ଶନିବାର ଭଞ୍ଜନଗର ସହରରେ ଜନ ଆକ୍ରୋଶ ମହିଳା ସମାବେଶ ଆୟୋଜିତ ହୋଇଯାଇଛି। ଜିଲ୍ଲା ସଭାପତି ନୀଳମାଧବ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଭୋଲି ସାହୁଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ମଞ୍ଚାସୀନି ଥିଲେ। ଦଳ ପକ୍ଷରୁ ବହୁ ମହିଳା କାର୍ଯ୍ୟକର୍ତ୍ତା ଘୁମୁସର ସାଂଗଠନିକ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଆସି ଏଠାରେ ପହଞ୍ଚିବା ପରେ ଭେଜିପୁଟ ଶିବ ମନ୍ଦିର ନିକଟରୁ ମହିଳାଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରା ସହରର ମୁଖ୍ୟ ରାସ୍ତାରେ ପହଞ୍ଚିବା ପରେ ସେଠାରେ ଜନ ଆକ୍ରୋଶ ମହିଳା ସମାବେଶ ଆୟୋଜିତ ହୋଇଥିଲା। ଶନିବାର ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଉପସଭାପତି ସନ୍ତୋଷ କୁମାର ପାଳ ସଂଯୋଜନା କରିଥିଲେ।

### ପୋତାଗଡ଼ ଦୁର୍ଗ ବୁଲି ଦେଖିଲେ ଉପମୁଖ୍ୟମନ୍ତ୍ରୀ

## ପର୍ଯ୍ୟଟନସ୍ଥଳୀର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ

**ଗଞ୍ଜାମ, ୨୫।୪(ସମିସ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଗଞ୍ଜାମ ସହର ସ୍ଥିତ ଐତିହାସିକ ପୋତାଗଡ଼ ଦୁର୍ଗ ପରିଦର୍ଶନ କରିଥିଲେ। ଏହି ଅବସରରେ କମିଶନର ତଥା ଓଡ଼ିଶା ପର୍ଯ୍ୟଟନ ବିଭାଗ (ଓଡ଼ିଶା )ବଳବନ୍ତ ସିଂହ, ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ଏନଏସି ଇଓ ଅପର୍ଣ୍ଣା ଡାଙ୍ଗୁଆ, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ପୁରାତନ ଏହି ଐତିହାସିକ ପଞ୍ଚ କୋଣୀୟ ପୋତାଗଡ଼ର ଉନ୍ନତି କରଣ କାର୍ଯ୍ୟ କିପରି ଚାଲିଛି, ଏଠାରେ ପର୍ଯ୍ୟଟକ ମାନଙ୍କ ପାଇଁ କଣ ବ୍ୟବସ୍ଥା ରହିଛି ଏବଂ ଏହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି କି ନାହିଁ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ ଉପମୁଖ୍ୟମନ୍ତ୍ରୀ। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ପୋତାଗଡ଼ରେ ଚାଲିଥିବା



ଉନ୍ନତିକରଣ କାର୍ଯ୍ୟ ବର୍ତ୍ତମାନ ବନ୍ଦ ଥିବା ଏବଂ ଧିମା ଗତିରେ ଉନ୍ନୟନ କାର୍ଯ୍ୟ ଚାଲିଥିବା କଥା ପଦାରେ ପଡ଼ିଥିଲା। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଆକର୍ଷଣୀୟ ମୁଖ୍ୟ ଫାଟକ, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ହାଇମାଷ୍ଟ ଲାଇଟ, ଡିସପ୍ଲେ ବୋର୍ଡ ଆଦି ଲଗାଯିବା ପାଇଁ ପୂର୍ବରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ଆଲୋଚନା ହୋଇଥିଲା। ପୋତାଗଡ଼ରେ ପର୍ଯ୍ୟଟନ ସ୍ଥଳୀର ସାମଗ୍ରିକ ବିକାଶ ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ ଏଠାରେ ୧ କୋଟି ୭୦ ଲକ୍ଷ ଟଙ୍କାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଚାଲିଥିବା ବେଳେ ୨୦୧୮-୧୯ ଆର୍ଥିକ ବର୍ଷରେ ତ୍ରୟୋଦଶ ଅର୍ଥ କମିଶନ ପକ୍ଷରୁ ତିନି କୋଟି ବ୍ୟୟ ଅଟକଳରେ ମାରିଟାଇମ ମୁଜିଅମ, ଐତିହ୍ୟ ଗେଟ ଏବଂ ସାମୁଦ୍ରିକ ସଂଗ୍ରହାଳୟ ଇତ୍ୟାଦି ନିର୍ମାଣ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଉପ ମୁଖ୍ୟମନ୍ତ୍ରୀ



**ମୋହନା, ୨୫।୪(ସମିସ):** ଗଜପତି ଜିଲ୍ଲାରେ ପ୍ରତିଷ୍ଠା ହେବ ପ୍ରଥମ ପଞ୍ଚତାରକା ହୋଟେଲ। ତାହା ପୁଣି ମିନି ତିବ୍ବତ ଭାବରେ ପରିଚିତ ଚନ୍ଦ୍ରଗିରିର ଜିରାଙ୍ଗରେ। ଏଥିନିମନ୍ତେ ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭ ଦେଇଛନ୍ତି। ଆସନ୍ତା ଦେଢ଼ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ଏବଂ ଏହାଦ୍ୱାରା ଜିଲ୍ଲାର ପର୍ଯ୍ୟଟନ ଶିଳ୍ପର ବିକାଶ ହେବ ଓ ଏହା ବିଶେଷ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସ୍ଥାନୀୟ ଲୋକଙ୍କୁ ତାଲିମ ପ୍ରଦାନ କରିବା ସହ ନିଯୁକ୍ତି ଦେବାକୁ ସେ ଗୁରୁତ୍ୱାରୋପ କରିଥିବା ବେଳେ ହୋଟେଲ ନିର୍ମାଣ କରୁଥିବା ପ୍ରତ୍ୟକ୍ଷ ଗ୍ରୁପ ଏଦିଗରେ ପଦକ୍ଷେପ ଗ୍ରହଣ କରିବ ବୋଲି କହିଛି। ଉପ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତବେଳେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଏବଂ ଜନ ପ୍ରତିନିଧି ଯୋଗ ଦେଇଥିଲେ।

### ରତ୍ନ ଭଣ୍ଡାରରୁ ଅଳଙ୍କାର ଚୋରି

## କଂଗ୍ରେସ ପକ୍ଷରୁ ଥାନାରେ ଏତଲା



**ଭଞ୍ଜନଗର, ୨୫।୪(ସମିସ):** ପୁରୀ ଶ୍ରୀମନ୍ଦିର ପରିସରରେ ଏବେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ରତ୍ନଭଣ୍ଡାରର ରତ୍ନ ଅଳଙ୍କାରର ଗଣତି ଚାଲିଥିବା ବେଳେ ୩ଟି ମୂଲ୍ୟବାନ ରତ୍ନ ଅଳଙ୍କାର ମିଳୁନଥିବା ଜଣାପଡ଼ିଛି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ ଥାନାରେ ଏତଲା ଦିଆଯାଇଛି। ଚୋରି ଘଟଣାର ପର୍ଦ୍ଦାଫାସ କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଶନିବାର ଏନେଇ ଗଞ୍ଜାମ ଜିଲ୍ଲା (ପଶ୍ଚିମ) ସଭାପତି ବି. ଦଣ୍ଡପାଣି ପାତ୍ରଙ୍କ ନେତୃତ୍ୱରେ ଦଳର ସାଧାରଣ ସମ୍ପାଦକ ପ୍ରଶାନ୍ତ ବିଷୋୟୀ, ବବି ରଥ, ସୁଶାନ୍ତ କୁମାର ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ ଭଞ୍ଜନଗର ଥାନାରେ ଉପସ୍ଥିତ ରହି ଲିଖିତ ଅଭିଯୋଗ ଦେଇଥିଲେ।

## ଗଛକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

**ପାତ୍ରପୁର, ୨୫।୪(ସମିସ):** ପାତ୍ରପୁର ବ୍ଲକ ଜରଡ଼ାରୁ ବାଇକ୍ ଯୋଗେ ଫେରୁଥିବାବେଳେ ଜିଲୁଣ୍ଡାସାଗର ପାଖରେ ଭାରସାମ୍ୟ ହରାଇ ଏକ ବରଗଛରେ ବାଇକ୍ ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଆନ୍ଧ୍ର ଗୋବିନ୍ଦପୁରର ରବୀନ୍ଦ୍ର ଗୌଡ (୪୪)। ରବୀନ୍ଦ୍ର କୌଣସି କାମରେ ଯାଇ ଘରକୁ ଫେରିବାବେଳେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ଗୁରୁତର ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଜରଡ଼ା ପୁଲିସ ଡାକ୍ତରଖାନାରେ ପହଞ୍ଚିବା ସହ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି।

## ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ




**ପୁରୁଷୋତ୍ତମପୁର, ୨୫।୪(ସମିସ):** କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଭୂତ ସରସିଙ୍ଗ ଗ୍ରାମରେ ଜନଆକ୍ରୋଶ ମହିଳା ସମାବେଶ ଘୁମୁସର ଜିଲ୍ଲା ସଭାପତି ବିଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ଭାରତୀ ବେହେରା ସମେତ ବହୁ ନାରୀ ନେତ୍ରୀ ମଞ୍ଚାସିନ ରହିଥିଲେ। କବିସୂର୍ଯ୍ୟନଗର ବିଧାୟକ ପ୍ରତିନିଧି ତଥା ଭୂତସରସିଙ୍ଗ ସରପଞ୍ଚ ମନୋଜ ଦାଶ, ରମେଶ ଦଳାଇ, ବନମାଳି ପ୍ରଧାନ, ଅମ୍ବିକା କୁମାର ପାତ୍ର, ପ୍ରଶାନ୍ତ କୁମାର ବେହେରା, ପ୍ରଭାତ ପାତ୍ର, ଅଜିତ କୁମାର ଦଳାଇ, ଶିବ ମହାନ୍ତି ଓ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ



**ପାରଳାଖେମୁଣ୍ଡି, ୨୫।୪(ସମିସ):** ପାରଳାଖେମୁଣ୍ଡିରେ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ସ୍ଥିତ ସଭା ଗୃହରେ ବିଶ୍ୱ ପ୍ରାଣୀଚିକିତ୍ସା ଦିବସ ପାଳିତ ହୋଇଥିଲା। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା. ତୁଷାରେନ୍ଦୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସକ ଡା. ଶାନ୍ତନୁ ପାଢ଼ୀ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସିୟୁଟିଏମ୍‌ର ଆସୋସିଏଟ୍ ପ୍ରଫେସର ଡାକ୍ତର ଗିରଣ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଜଳବିଭାଜିକା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ପଟ୍ଟନାୟକ, ଉଦ୍ୟାନ ବିଭାଗର ଦୁଷ୍ମନ୍ତ ବେହେରା ଓ ମତ୍ସ୍ୟ ବିଭାଗର ନିରୋଦ ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। ଅତିଥିମାନେ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣୀ ଚିକିତ୍ସକ ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ରରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ କରି ଜାତୀୟ ପ୍ରାଣୀଧନ ମିଶନ, ପ୍ରାଣୀଧନ ସମ୍ବୃଦ୍ଧି ଯୋଜନା, ପ୍ରାଣୀକଲ୍ୟାଣ ଯୋଜନା ଆଦି ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ।

## ଏମ୍‌ଏମ୍‌ସି ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ଶିବିର

**ଜି.ଉଦୟଗିରି, ୨୫।୪(ସମିସ):** ସ୍ଥାନୀୟ ଏମ୍‌ଏମ୍‌ସି ହସ୍ପିଟାଲରେ ଆଜି ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସମାଜସେବୀ ବିବେକାନନ୍ଦ ପ୍ରଧାନ ବରିଷ୍ଠ ନାଗରିକ ଭାବେ ପ୍ରଥମେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରି ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ପ୍ରଫେସର ଆଶିଷ କୁମାର ପ୍ରଧାନ ଓ ଡା. ଦେବରାଜ ଦାଶ ଉପସ୍ଥିତ ରହି ୧୧୮ ଜଣ



ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କର ବିଭିନ୍ନ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳକ ଡ଼ ପ୍ରଦୀପ କୁମାର ମଳିକ, ସମ୍ପାଦକ ଆଲୋକ କୁମାର ନାୟକ, ଅଧ୍ୟକ୍ଷ ଗ୍ଲୋରି ନାୟକ, ବେନିୟନ ନାୟକ ଓ ପ୍ରଦୀପ ନାୟକ ଉପସ୍ଥିତ ଥିବା ବେଳେ ନର୍ସିଂ ତାଲିମ ଛାତ୍ରୀ ସହଯୋଗ କରିଥିଲେ।

## ବିଦ୍ୟାଳୟ ପରିସରରୁ ନାଗସାପ ଉଦ୍ଧାର

**କୁଜୁଡ଼ାଖଣ୍ଡି, ୨୫।୪(ସମିସ):** କୁଜୁଡ଼ାଖଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବିରାଟ ନାଗସାପ ଉଦ୍ଧାର ହୋଇଛି। ସ୍ନେକ ହେଲ୍ପ ଲାଇନ ସଦସ୍ୟ ସନ୍ଦୀପ ସେଠୀ ପହଞ୍ଚି ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସୂଚନା ମୁତାବକ, ଶନିବାର ସକାଳେ ଜଣେ ଶିକ୍ଷକ ସ୍କୁଲ ଶୌଚାଳୟକୁ ଯିବାବେଳେ ଗେଟ୍ ନିକଟରେ ନାଗ ସାପଟି ବୁଲୁଥିଲା। ପ୍ରଧାନ ଶିକ୍ଷକ ସାପକୁ ଉଦ୍ଧାର କରିବାକୁ ସ୍ନେକ ହେଲପ



ଲାଇନକୁ ଯୋଗାଯୋଗ କରିଥିଲେ। ସନ୍ଦୀପ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ଉଦ୍ଧାର ନାଗ ସାପଟିର ଲମ୍ବ ୫ ଫୁଟ ହୋଇଥିବା ବେଳେ ବନ ବିଭାଗର ପରାମର୍ଶକ୍ରମେ ତାକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିବା ସନ୍ଦୀପ କହିଛନ୍ତି।

## ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ

**ଛତ୍ରପୁର, ୨୫।୪(ସମିସ):** ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରହଲ୍ଲାଦ ପ୍ରଧାନ, ବ୍ଲକ ଉପାଧକ୍ଷା ଏସ ସାରଦା ରେଡ୍ଡୀ, ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ ଯୋଗ ଦେଇଥିଲା ବେଳେ କାର୍ଯ୍ୟକ୍ରମକୁ ପ୍ରଶାନ୍ତ ଶତପଥୀ ସଂଯୋଜନା କରିଥିଲେ। ଏହି ଅବସରରେ ଅନ୍ତୋଦୟ ଗୃହ ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷ ଅନ୍ତର୍ଗତ ୧୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ଅନୁକମ୍ପା ରାଶି ବଣ୍ଟନ ଏବଂ ୧୦ ଜଣ ହିତାଧିକାରୀଙ୍କୁ ପଡ଼ିକାର୍ଡ ଆବଣ୍ଟନ କରାଯାଇଥିଲା। ଅତିଥିମାନେ ଗ୍ରାମାଞ୍ଚଳ ବିକାଶ ଏବଂ କ୍ଷମତାର ବିକେନ୍ଦ୍ରିକରଣରେ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଥିଲେ। ଯଦି ଆକଳନ କରାଯାଏ ତାହେଲେ ନାରୀ ସଶକ୍ତିକରଣ ଓ ଗାଁର ସମସ୍ୟା ସମାଧାନ ପୂର୍ବକ ଗ୍ରାମୀଣ ବିକାଶରେ ଗଞ୍ଜାମ ଜିଲ୍ଲା ନିଶ୍ଚିତ ଭାବରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବ ବୋଲି ଅତିଥିମାନେ କହିଥିଲେ। ତ୍ରିସ୍ତରୀୟ ପଞ୍ଚାୟତ ଲୋକପ୍ରତିନିଧି ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

**ଧରାକୋଟ:** ଧରାକୋଟ ବ୍ଲକ ପ୍ରଶାସନ ତରଫରୁ ପଞ୍ଚାୟତିରାଜ ଦିବସ ବିଡିଓ ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ବ୍ଲକ ଉପାଧକ୍ଷ ମନୋଜ କୁମାର ସାହୁ, ସାଂସଦ ପ୍ରତିନିଧି ମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅତିଥି ମାନେ ଦେଶର ବିକାଶରେ ପଞ୍ଚାୟତିରାଜର ରହିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଏହାର ଉପଯୋଗ ବିଷୟରେ ମତ ରଖିଥିଲେ। ବ୍ଲକ ବିଡ଼ଓ ଅଧିକାରୀ ସୁରେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏସିପି ଅମେସ ବେହେରା ସଂଯୋଜନା କରିଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ନୂତନ ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ, ଅନ୍ତୋଦୟ ଗୃହ ନିର୍ମାଣ କାର୍ଯ୍ୟାଦେଶ, ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ ସରିଥିବା ହିତାଧିକାରୀଙ୍କୁ କୋଡ଼ିଏ ହଜାର ଟଙ୍କା ଲେଖାଏଁ ପୁରସ୍କାର ସହାୟତା ପ୍ରଦାନ ସହ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୯ ଜଣ ବ୍ଲକ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସରକାରୀ ବସ୍ ରୁଟ ପରିବର୍ତ୍ତନ; ଯାତ୍ରୀ ହନ୍ତସନ୍ତ

**ଟିକାବାଲି, ୨୫।୪(ସମିସ):** ଫୁଲବାଣୀରୁ ପୁରୀ ଭାୟା ଟିକାବାଲି, କଳିଙ୍ଗା, ଭଞ୍ଜନଗର, ନୟାଗଡ଼ ଇତ୍ୟାଦି ଦେଇ ପୁରୀ ଶ୍ରୀକ୍ଷେତ୍ର ଏକ ସରକାରୀ ବସ ନିୟମିତ ଯାତାୟାତ କରୁଥିଲା। କଳିଙ୍ଗା ଘାଟି ରାସ୍ତା ଖରାପ ହେବାରୁ ଅନେକ ଯାତ୍ରୀବାହୀ ବସ ବନ୍ଦ ହେବା ସହ ରୁଟ ପରିବର୍ତ୍ତନ କରାଯାଇଥିଲା। ଫୁଲବାଣୀ-ପୁରୀ ସରକାରୀ ବସର ମଧ୍ୟ ନିଜର ରୁଟ ପରିବର୍ତ୍ତନ କରାଯାଇ ଫୁଲବାଣୀ ଠାରୁ ବାହାରି ଚାରିଛକ ଦେଇ ଦଶପଲ୍ଲା, ନୟାଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର ହେଇ ପୁରୀ ଯାଉଛି। ବର୍ତ୍ତମାନ କଳିଙ୍ଗା ଘାଟି ରାସ୍ତା ଠିକ ହୋଇ ଯାନବାହାନ ନିୟମିତ ଯତାୟାତ୍ କରୁଛି ଏବଂ ରୁଟ ପରିବର୍ତ୍ତନ କରି ଯାଉଥିବା ବସ ଗୁଡିକ ମଧ୍ୟ କଳିଙ୍ଗା ଘାଟି ଦେଇ ଯିବାଆସିବା କରୁଛନ୍ତି। କିନ୍ତୁ ଯେଉଁ ସରକାରୀ ବସ ଫୁଲବାଣୀ-ପୁରୀ ଭାୟା ଟିକାବାଲି, କଳିଙ୍ଗା, ଭଞ୍ଜନଗର ଦେଇ



ଯାଉଥିଲା ତାହା କିନ୍ତୁ ରୁଟ ପରିବର୍ତ୍ତନ କରୁନାହିଁ। ଯେଉଁ ଯାତ୍ରୀ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ସିଧା ବସ ଯୋଗେ ଯାଉଥିଲେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟିକାବାଲି ଅଞ୍ଚଳର ଅନେକ ଜଗନ୍ନାଥ ପ୍ରେମୀ ସିଧା ବସ ଯୋଗେ ଦର୍ଶନ ନିମନ୍ତେ ଯାଉଥିଲେ। ସେମାନେ ସେହି ସୁଯୋଗ ପାଇ ପାରୁନାହାନ୍ତି। ଏହି ବସ ତୁରନ୍ତ ଏହି ରୁଟରେ ଚଳାଚଳ କରାଯିବାକୁ ଦାବି ହେଉଛି।

## ବିଶ୍ୱ ପ୍ରାଣୀ ଦିବସ ପାଳିତ

**ରମ୍ଭା, ୨୫।୪(ସମିସ):** ସ୍ଥାନୀୟ ମିଞ୍ଚିଣିପାଟଣା ଠାରେ ବିଶ୍ୱ ପ୍ରାଣୀ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଅଖିଳ ଭାରତୀୟ ସମନ୍ୱିତ ଗଞ୍ଜାମ ଛେଳି ଉନ୍ନତି କରଣ ଗବେଷଣା ପ୍ରକଳ୍ପ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ରମ୍ଭା, ଖଲ୍ଲିକୋଟ, ଛତ୍ରପୁର ଠାରେ ଛେଳି ଚିକିତ୍ସା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ସଂଯୋଜକ ପ୍ରଫେସର ଚିନ୍ମୟ ମିଶ୍ର, ଲେନିନ ଗୁମ୍ଫା ଓ ଆଦିତ୍ୟ ଆଚାର୍ଯ୍ୟ ଉପସ୍ଥିତ ରହି ଛେଳି ଚାଷୀ ମାନଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ବିଶ୍ୱ ପ୍ରାଣୀ ଦିବସର ଲକ୍ଷ୍ୟ, ଉଦେଶ୍ୟ ସହିତ ଆଗାମୀ ଦିନରେ ଛେଳି ପାଳନ କରି ଅଧିକ ଉନ୍ନତି କିପରି ହୋଇପାରିବ ସେଥି ପ୍ରତି ସାମୂହିକ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କ୍ଷେତ୍ରୀୟ ଗଣନାକାରୀ ଭାସ୍କର ପାତ୍ର, ରଘୁନାଥ ପାତ୍ର, ଯୋରାନ ସବର। ହରିଶ କୁମାର ପ୍ରମୁଖ ସହଯୋଗ କରିଥିଲେ।

### ଓଡ଼ିଆ ଅସ୍ମିତାକୁ କୁଠାରଘାତ

## ସରକାରୀ ଅଧିକାରୀଙ୍କ ଗାଡ଼ିରେ ଇଂରାଜୀ ଫଳକ

**ଛତ୍ରପୁର, ୨୫।୪(ସମିସ)**

ଗଞ୍ଜାମ ଜିଲ୍ଲାରେ ଓଡ଼ିଆ ଭାଷା ବ୍ୟବହାର ବାଧ୍ୟତାମୂଳକ ନିୟମର ଖୋଲା ଖୋଲି ଉଲ୍ଲଂଘନ ହେଉଛି। ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ପାଇଁ ବିଭିନ୍ନ ନୀତି ଓ ନିର୍ଦ୍ଦେଶ ଜାରି ହୋଇଛି। ସରକାରୀ କାର୍ଯ୍ୟାଳୟରେ ଓଡ଼ିଆରେ ଚିଠିପତ୍ର ଆଦାନ ପ୍ରଦାନ ଠାରୁ ଆରମ୍ଭ କରି କାର୍ଯ୍ୟାଳୟର ନାମଫଳକ ଓ ସୂଚନା ଫଳକ ଓଡ଼ିଆରେ ଲେଖିବା, ଦୋକାନ ଓ ବ୍ୟାବସାୟିକ ସଂସ୍ଥାର ସାଇନ ବୋର୍ଡରେ ଓଡ଼ିଆ ଲିପି ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ଓଡ଼ିଆ ପକ୍ଷ ପାଳନ ମାଧ୍ୟମରେ ମଧ୍ୟ ଏହି ଅସ୍ମିତାକୁ ସୁଦୃଢ଼ କରିବାର ଚେଷ୍ଟା କରାଯାଉଥିଲେ ମଧ୍ୟ ତୃଣମୂଳ ସ୍ତରର ଚିତ୍ର କିନ୍ତୁ ଭିନ୍ନ। ଗଞ୍ଜାମ ଜିଲ୍ଲାର ବହୁ ଅଧିକାରୀଙ୍କ ଗାଡ଼ିରେ ଲେଖା ଯାଇଥିବା ନାମ ଫଳକ ଇଂରାଜୀରେ ଲେଖା ଯିବାକୁ ନେଇ ନାକ ଟେକିଛନ୍ତି କିଛି ବୁଦ୍ଧିଜୀବୀ। ଏହା ସରକାରୀ ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରାଯାଉଥିବା ମଧ୍ୟ ସେମାନେ ମତ ବ୍ୟକ୍ତ କରିଛନ୍ତି। ଏଣୁ ଏ ଦିଗରେ ଯଥେଷ୍ଟ ଧ୍ୟାନ ଦେଇ ଗାଡି ଗୁଡିକର ନାମ ଫଳକ ଗୁଡିକୁ ଓଡ଼ିଆ ଭାଷାରେ ଲେଖାଗଲେ ଓଡ଼ିଆ ଅସ୍ମିତା ବଜାୟ ରହିପାରିବ ବୋଲି ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ଏନେଇ ଗଞ୍ଜାମ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।



# ବାଲିଗୁଡ଼ା ବନଖଣ୍ଡରୁ ପୁରୀ ଗଲା ରଥକାଠ



ବାଲିଗୁଡା,୨୫।୪(ସମିସ): ପ୍ରଥମଥର ପାଇଁ ବାଲିଗୁଡ଼ା ବନଖଣ୍ଡର କୋଟଗଡ଼ ବନାଞ୍ଚଳରୁ ପୁରୀ ଅଭିମୁଖେ ବାହାରିଛି ରଥ ନିର୍ମାଣ ପାଇଁ ୪୦ ଫୁଟ ଲମ୍ବର ୨୩ ଖଣ୍ଡ ଧଉରା କାଠ। କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ, ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣିତା ଦାସ, ଏସଡିପିଓ ଶୁଭମ୍ ଭୋଷଲେ, ଡିଏଫ୍ଓ ଘନଶ୍ୟାମ ମହାନ୍ତଙ୍କ ସମେତ ସମସ୍ତ ବନ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବାଲିଗୁଡ଼ା ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା କରି କାଠ ବୋଝେଇ ଟ୍ରଲରକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ପାଛୋଟି ନେଇ ବିଦାୟ ଦେଇଛନ୍ତି ଅଞ୍ଚଳବାସୀ। ପ୍ରଥମଥର ପାଇଁ କନ୍ଧମାଳର ବାଲିଗୁଡ଼ା ବନଖଣ୍ଡରୁ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥ କାଠ ପ୍ରେରଣ କରିବାର ସୁଯୋଗ ମିଳିଥିବାରୁ ସମସ୍ତେ ଧନ୍ୟ। ଜଗତର ନାଥ ଜଗନ୍ନାଥଙ୍କ କୃପାରୁ ଆମକୁ ଏହି ସୌଭାଗ୍ୟ ମିଳିଥିବାରୁ ଆମ ଜୀବନ ଧନ୍ୟ ହୋଇଗଲା ବୋଲି କହିଛନ୍ତି ଜିଲ୍ଲାପାଳ, ଡିଏଫ୍ଓଙ୍କ ସମେତ ଅଞ୍ଚଳବାସୀ। ପ୍ରଥମଥର ପାଇଁ ବାଲିଗୁଡ଼ା ଅଞ୍ଚଳର ଘୋଷ ଯାତ୍ରାରେ ରଥ ନିର୍ମାଣ ପାଇଁ କାଠ ଯାଉଥିବାରୁ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ଏବଂ ଏହାକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିଲା।

# ଭଗବାନ ଭରସାରେ ଫିରିଙ୍ଗିଆ ବ୍ଲକର ୫ ସ୍ୱାସ୍ଥ୍ୟକେନ୍ଦ୍ର

ଫିରିଙ୍ଗିଆ,୨୫।୪(ସମିସ):





ଫିରିଙ୍ଗିଆ ବ୍ଲକରେ ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଭାବ ଯୋଗୁଁ କମ୍ପାଉଣ୍ଡର ଓ ପିଅନ ଭରସାରେ ଚାଲିଛି ରୋଗୀ ଚିକିତ୍ସା। କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତମ ଓ ୨୪ ପଞ୍ଚାୟତ ବିଶିଷ୍ଟ ଏହି ବ୍ଲକର ଭୌଗଳିକ ଓ ଜନସଂଖ୍ୟା ଦୃଷ୍ଟିରୁ ଫିରିଙ୍ଗିଆ ମୁଖ୍ୟାଳୟ ଡାକ୍ତରଖାନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଛାଡିଦେଲେ ବ୍ଲକରେ ଗୋଛାପଡା, ବାଳନ୍ଦାପଡା, ନୂଆପଦର ଏବଂ ପାଙ୍ଗାରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଦୈନିକ ଶହ ଶହ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ସରକାରଙ୍କ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟୁଥିବାବେଳେ ବର୍ତ୍ତମାନ ୫ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଡାକ୍ତର, ସହାୟକ ଓ କର୍ମଚାରୀ ନାହାନ୍ତି। ଫଳରେ କୋଟି କୋଟି ଟଙ୍କାର ବିଭିନ୍ନ ମେସିନ ଖତ ଖାଉଛି ଓ ରୋଗୀ ସେବା ପ୍ରଭାବିତ ହେଉଛି। ଲୋକେ ବାଧ ହୋଇ କ୍ୱାକ୍ଙ୍କ ଦ୍ୱାରସ୍ଥ ହେଉଛନ୍ତି। ବହୁ ସମୟରେ ମଧ୍ୟ ଅଘଟଣ ଘଟୁଛି।

ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୧ ଜଣ ଡାକ୍ତରଙ୍କ ଆବଶ୍ୟକ ଥିବାବେଳେ ଜଣେ ମାତ୍ର ରେଗୁଲାର ଡାକ୍ତରଙ୍କୁ ମିଶାଇ ୭ ଜଣ ଅଛନ୍ତି। ଏଠାରେ ଚିକିତ୍ସା ପାଇଁ ବିଭିନ୍ନ ଅତ୍ୟାଧୁନିକ ମେସିନ ରହିଛି। କିନ୍ତୁ ଆବଶ୍ୟକ ଟେକ୍ନିସିଆନ ନ ଥିବାରୁ ବନ୍ଦ ପଡ଼ିଛି। ସେହିପରି ନୂଆପଦର ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ ଡାକ୍ତର ଆବଶ୍ୟକ ସ୍ଥଳେ ଜଣେ ମାତ୍ର ଡାକ୍ତରରେ ଚାଲିଛି ରୋଗୀସେବା। ବାଳନ୍ଦାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଜଣ ଡାକ୍ତର ଥିଲେ। କିନ୍ତୁ ସେମାନେ ଇସ୍ତଫା ଦେଇଥିବାରୁ ପଦ ଖାଲିପଡିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କମ୍ପାଉଣ୍ଡର ଓ ପିଅନ ଭରସାରେ ଚାଲିଛି ରୋଗୀ ସେବା।

ଗୋଛାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ୨ ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ଜଣେ ମାତ୍ର ଅଛନ୍ତି। ପାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ କେହି ଡାକ୍ତର ନଥିବା ଯୋଗୁଁ ପିଅନ ଓ କମ୍ପାଉଣ୍ଡର ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଏପରି ଭାବେ ଫିରିଙ୍ଗିଆ ବ୍ଲକରେ ଚାଲିଛି ରୋଗୀସେବା। ଆବଶ୍ୟକ ଚିକିତ୍ସା ଅଭାବରୁ ଓ ଉପଯୁକ୍ତ ଚିକିତ୍ସା ସେବା ନ ମିଳିବାରୁ ରୋଗୀ ହେଉ କି ଗର୍ଭବତୀ ମୃତ୍ୟୁ ମୁଖରେ ପଡୁଥିବା ନଜିର ରହିଛି। ଆବଶ୍ୟକ ଡାକ୍ତର ନିଯୁକ୍ତି ନିମନ୍ତେ ଅଞ୍ଚଳବାସୀଙ୍କ ତରଫରୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଫିରିଙ୍ଗିଆ ବ୍ଲକରେ ଆବଶ୍ୟକ ୩୦ ଜଣ ଡାକ୍ତର ମଧ୍ୟରେ ପାଙ୍ଗା ଓ ବାଳନ୍ଦାପଡା ୨ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ କେହି ଡାକ୍ତର ନଥିବା ବେଳେ ନୂଆପଦର ଓ ଗୋଛାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଜଣେ ଲେଖାଏଁ ଡାକ୍ତରରେ ଚାଲିଛି

- ୨ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି
- ୨୯ ଜାଗାରେ ଅଛନ୍ତି ୯ ଡାକ୍ତର
- କମ୍ପାଉଣ୍ଡର ଓ ପିଅନ କରୁଛନ୍ତି ଚିକିତ୍ସା

ରୋଗୀ ସେବା। ଫିରିଙ୍ଗିଆ ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ୨୧ ଡାକ୍ତର ସ୍ଥାନରେ ମାତ୍ର ୭ ଜଣ ଡାକ୍ତରରେ ଚାଲିଛି ରୋଗୀ ଚିକିତ୍ସା, ତାହା ପୁଣି ୨୪ ଘଣ୍ଟା। ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ପିଏମ୍‌ଶ୍ରୀ ହବାକ୍ ହାଇସ୍କୁଲରେ ଯୋଗ ବିଜ୍ଞାନ ଶିବିର



ଜି.ଉଦୟଗିରି,୨୫।୪(ସମିସ): ଜି.ଉଦୟଗିରି ପିଏମଶ୍ରୀ ହବାକ ହାଇସ୍କୁଲରେ ଆଜି ଯୋଗ ବିଜ୍ଞାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ପାଟମାଝି ଉଦଘାଟନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ର ମଞ୍ଚାସୀନ ରହିଥିଲେ। ଖେଳ ଶିକ୍ଷକ ସତ୍ୟବ୍ରତ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ହବାକ ହାଇସ୍କୁଲର ନବ ନିଯୁକ୍ତ ଯୋଗ ପ୍ରଶିକ୍ଷକ ବଟକୃଷ୍ଣ ଦାଶ ଯୋଗ ଶିକ୍ଷା ଦେଇଥିଲେ। ଛାତ୍ରମାନେ ବିଭିନ୍ନ ଯୋଗ ଅଭ୍ୟାସ କରିଥିଲେ। ମଞ୍ଚାସୀନ ପ୍ରଧାନଶିକ୍ଷକ ଶ୍ରୀପାଟମାଝି, ବରିଷ୍ଠ ଶିକ୍ଷକ ଶ୍ରୀ ମିଶ୍ର ଯୋଗର ଉପକାରିତା ଉପରେ ଆଲୋକପାତ କରି ନିୟମିତ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଶିକ୍ଷକ ଅଜିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଉପାନ୍ତ ଅଞ୍ଚଳରେ ବିଜେଡିର ବନ୍ଧୁମିଳନ ଓ ମିଶ୍ରଣପର୍ବ

ଫିରିଙ୍ଗିଆ,୨୫।୪(ସମିସ): ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ବର୍ତ୍ତମାନ ଠାରୁ ବିଭିନ୍ନ ପ୍ରମୁଖ ରାଜନୈତିକ ଦଳ ରଣନୀତି ଆରମ୍ଭ କଲେଣି। ଏଭଳି କାର୍ଯ୍ୟକ୍ରମ କରିବାରେ ଜିଲ୍ଲାରେ ବିଜେଡି



ଆଗରେ ରହିଛି। କିଛିଦିନ ହେଲା ବିଜେଡି ତରଫରୁ ଗାଁ ଗାଁରେ କର୍ମୀଙ୍କୁ ନେଇ ବନ୍ଧୁମିଳନ ଓ କର୍ମୀ ସମ୍ମିଳନୀ କରାଯାଉଛି। ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ ସାଡିଙ୍ଗିଆ, ଜାଜେଶପାଙ୍ଗା, ସୁମେରବନ୍ଧ ଓ ଉପରପାଙ୍ଗା ପଞ୍ଚାୟତ ଅଞ୍ଚଳରେ ଅନୁଷ୍ଠିତ ହୋଇଛି ଦଳର କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ। ବ୍ଲକ ବିଜେଡି ସଭାପତି ରଜନୀକାନ୍ତ ମଲିକଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ପଦ୍ମନାଭ ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ମହିଳା ସଭାନେତ୍ରୀ ବିଷ୍ଣୁପ୍ରୀୟ ବେହେରା, ଜିଲ୍ଲା ମହିଳା ସଭାନେତ୍ରୀ ପୁନମ କହଁର, ଜିଲ୍ଲା ଯୁବ ସଭାପତି ରାକେଶ, ଛାତ୍ର ବିଜେଡି ସଭାପତି ସୁନୀଲ ସେଠୀ, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ କହଁର ଓ ସଭ୍ୟ ନୀଳଗିରି ଦିଗାଲ, ଜିଲ୍ଲା ସମ୍ପାଦକ ତ୍ରିନାଥ କହଁର, ବରିଷ୍ଠ ବିଜେଡି ନେତା ତଥା ବ୍ଲକ ଉପସଭାପତି ପ୍ରଦୀପ ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ବିଜେଡି କର୍ମୀ ଓ ନେତା ଉପସ୍ଥିତ ଥିବାବେଳେ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳକୁ ତୃଣମୂଳସ୍ତରରେ କିଭଳି ମଜଭୂତ କରାଯାଇପାରିବ ଓ ଦଳକୁ କିଭଳି ବହୁମତ ମିଳିପାରିବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଅଞ୍ଚଳର ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ହତ୍ୟାକାରୀ ସ୍ୱାମୀ ଗିରଫ



ଫିରିଙ୍ଗିଆ,୨୫।୪(ସମିସ): ଖଜୁରିପଡ଼ା ବ୍ଲକ ସୁଦ୍ରେଜୁ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀର ପରକୀୟା ପ୍ରୀତି ସନ୍ଦେହ କରି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ପରେ ସ୍ତ୍ରୀକୁ ସ୍ୱାମୀ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ସୁଦ୍ରେଜୁ ଗାଁର ଆଲୋକ ସାହୁ ୧୧ ବର୍ଷ ପୂର୍ବେ ଦୂତିପଡ଼ା ଗାଁର ମମତା ସାହୁଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ଅଛି। କିଛିଦିନ ହେବ ଆଲୋକଙ୍କର ଅନ୍ୟଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିବା ନେଇ ମମତା ସନ୍ଦେହ କରୁଥିଲେ। ଏହି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟତଃ ଝଗଡ଼ା ହୁଏ। ଗତ ବୁଧବାର ବିଳମ୍ବିତ ରାତିରେ ଏହି ପାରିବାରିକ କଳହ ଉଗ୍ର ରୂପ ନେଇଥିଲା। ଆଲୋକ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ମମତାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଘର ଭିତରେ ଝୁଲାଇ ଦେଇ ଏହାକୁ ଆତ୍ମହତ୍ୟାର ରୂପ ଦେବା ଓ ଘଟଣା ପରେ ଅଭିଯୁକ୍ତ ଆଲୋକ ସେଠାରୁ ଫେରାର ହୋଇଯାଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣା ଦିନ ଖବର ପାଇ ମୃତ ମମତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଝିଅକୁ ହତ୍ୟା କରାଯାଇଥିବା ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ପୁଲିସ ଆଲୋକକୁ ତା ଘରୁ କାବୁ କରିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି କୁହାଯାଇଛି। ପରିବାରର ଅଭିଯୋଗ ଓ ତଦନ୍ତକୁ ଭିତ୍ତିକରି ପୁଲିସ ଆଲୋକକୁ ଗିରଫ କରିଛି।

# ୭୦୫ କେଜି ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୨୫।୪(ସମିସ): ଅଡବା ପୁଲିସ ଏକ ଆନ୍ତଃରାଜ୍ୟ ନିଶାଦ୍ରବ୍ୟ ଚାଲାଣ ନେଟୱାର୍କକୁ ଠାବ କରିବାକୁ ଚେଷ୍ଟା କରି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି।



ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଘଟଣାସ୍ଥଳରେ ଗଞ୍ଜେଇ ଛାଡି ଚମ୍ପଟ ମାରିଥିଲେ। ପୁଲିସ ସୂଚନା ପ୍ରକାରେ ଜଣେ ଡମି କ୍ରେତାଙ୍କୁ ନିୟୋଜିତ କରି ଏକ ଜାଲ ବିଛାଯାଇଥିଲା। ଡିଲ୍ ଚୂଡ଼ାନ୍ତ ପରେ ପୁଲିସ ଦଳ ଗରଡାମା ପଞ୍ଚାୟତର ଏକ ସ୍ଥାନରେ ଚଡ଼ଉ କରିଥିଲା। ଓଡ଼ିଶା ବାହାରକୁ ପରିବହନ ପାଇଁ ଚୋରା ଗଞ୍ଜେଇ ଗଚ୍ଛିତ କରାଯାଇଥିଲା। ଚଢଉରେ ୭୦୫ କିଲୋଗ୍ରାମ ଓଜନର ୨୮ ବସ୍ତା ଗଞ୍ଜେଇ ଜବତ କରାଯାଇଥିଲା। ପୁଲିସକୁ ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଅଡବା ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ପ୍ରୟାସ ଜାରି ରହିଛି ବୋଲି ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ ସାହୁ କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଗୋଷାଣି,୨୫।୪(ସମିସ): ଗୋଷାଣି ବ୍ଲକ ଗାରାବନ୍ଧ ଥାନା ମାରିଙ୍ଗି-ଲାବାଣ୍ୟଗଡ ରାଜ୍ୟ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ଆଜି ଅପରାହ୍ନରେ ଗାରାବନ୍ଧ ଗ୍ରାମରେ ରହି ବ୍ୟବସାୟ କରୁଥିବା ଟାଙ୍କାଲା ହରିନାଧମ୍ (୬୧) ଷଡୁଭାଇ ଜେ.ଧନଞ୍ଜୟଙ୍କ ସହ ମିଶି ସ୍କୁଟିରେ ଆନ୍ଧ୍ରର ମଞ୍ଜୁଷା ଗ୍ରାମକୁ ସମ୍ପର୍କୀୟଙ୍କ ଘରକୁ ଭୋଜିରେ ଯୋଗ ଦେବାକୁ ଯାଉଥିଲେ। ମାରିଙ୍ଗି-ଲାବାଣ୍ୟଗଡ ରାଜ୍ୟରାଜପଥରେ ଏକ କାରକୁ ସାଇଡ୍ ଦେବାବେଳେ ରାସ୍ତା କଡ଼ରେ ଥିବା ବାଲିରେ ଖସି ନିର୍ମାଣଧିନ ନାଳର ପଥରରେ ବାଡେଇ ହୋଇଯାଇଥିଲେ। ପଥଚାରୀ ସେମାନଙ୍କୁ ଉଦ୍ଧାର କରି ଗାରାବନ୍ଧ ପୁଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ପ୍ରଶାନ୍ତ ନିଶିକା ସଦଳବଳ ପହଞ୍ଚି ଅଟୋ ଯୋଗେ ହରିନାଧମଙ୍କୁ ଗୁରାଣ୍ଡି ସ୍ଥିତ ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଟାଙ୍କଲା ହରିନାଧମ୍ ଆନ୍ଧ୍ରର ମଞ୍ଜୁଷା ମଣ୍ଡଳର ବାସୁଦେବପୁରର ହୋଇଥିବା ବେଳେ ସେ ଦୀର୍ଘ ବର୍ଷ ଧରି ଗାରାବନ୍ଧ ଗ୍ରାମରେ ବ୍ୟବସାୟ କରୁଥିଲେ।

■ ଜାତୀୟ ପଞ୍ଚାୟତିରାଜ ଦିବସ

# ଗୋଷାଣି ବ୍ଲକର ୬ ପଞ୍ଚାୟତ ପୁରସ୍କୃତ

ପାରଳାଖେମୁଣ୍ଡି,୨୫।୪(ସମିସ): ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଜିଲ୍ଲାର ୭ ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ଗ୍ରାମକୁ ବିଭିନ୍ନ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି। ଏଥି ମଧ୍ୟରେ ଗୋଷାଣି ବ୍ଲକକୁ ୬ ଉଲ୍ଲେଖନୀୟ ସେବା ପାଇଁ ପୁରସ୍କୃତ କରାଯାଇଛି। ଶୁକ୍ରବାର ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଗୋଷାଣି ବ୍ଲକର ଘୋରଣୀ ପଞ୍ଚାୟତକୁ ସ୍ୱଚ୍ଛଭାରତ ମିଶନରେ ସ୍ୱଚ୍ଛତା ବଜାୟ ରଖିବାକୁ ପୁରସ୍କୃତ କରାଯାଇଛି। ମନରେଗାରେ ଖର୍ଷଣ୍ଡା ପଞ୍ଚାୟତ, ପଞ୍ଚଦଶ କେନ୍ଦ୍ରୀୟ ଅନୁଦାନ କମିଶନ ଓ ୫ମ ରାଜ୍ୟ ଅର୍ଥ କମିଶନ ଦ୍ୱାରା ପ୍ରଦତ୍ତ ଅନୁଦାନ ଖର୍ଚ୍ଚ କରିବାରେ ଉପଲଡା ପଞ୍ଚାୟତ, ଅଗରଖଣ୍ଡି ପଞ୍ଚାୟତକୁ ପଞ୍ଚାୟତ ଉନ୍ନତି ସୂଚକାଙ୍କରେ ଜିଲ୍ଲାର ଶ୍ରେଷ୍ଠ ଏବଂ ଶରଧାପୁର ପଞ୍ଚାୟତ ଅନ୍ତର୍ଗତ ଯୁବରାଜପୁରର ଶ୍ରେଷ୍ଠ ଅଙ୍ଗନୱାଡି ହେଲ୍‌ପର ଭାବେ କୁମାରୀ ସାହୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବ୍ଲକର ୨୧ ପଞ୍ଚାୟତ ମଧ୍ୟରେ ୬ ପଞ୍ଚାୟତ ପୁରସ୍କୃତ ହୋଇଥିବାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ବେଳେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ସହକାରୀ ନିର୍ବାହୀଯନ୍ତ୍ରୀ ସସ୍ମିତା ଜେନା, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ରଙ୍କ ସମେତ ପୁରସ୍କୃତ ହୋଇଥିବା ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓଙ୍କୁ ପଞ୍ଚାୟତବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ସ୍ୱଚ୍ଛ, ସବୁଜ ପଞ୍ଚାୟତ ଗଠନ ପାଇଁ ଆହ୍ୱାନ







ପାରଳାଖେମୁଣ୍ଡି,୨୫।୪(ସମିସ):

ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଶୁକ୍ରବାର ପାଳିତ ହୋଇଯାଇଛି। ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ କାମଦେବ ବଡ଼ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ପଙ୍କଜିନି ଦଳେଇ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ଗୋଷାଣି ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ ଓ ଗୋଷାଣି ଜିଲ୍ଲାପରିଷଦ ସଭ୍ୟ ଏସ. ବାଲାରାଜୁ ମଞ୍ଚାସୀନ ଥିଲେ। ସ୍ୱଚ୍ଛ, ସବୁଜ ପଞ୍ଚାୟତ ଗଠନ ନିମନ୍ତେ ସମସ୍ତେ ଏକାଠି ହୋଇ କାମ କରାଇବାକୁ ଅତିଥି ମାନେ କହିଥିଲେ। ସେହିପରି ଜିଲ୍ଲାରେ ଭଲ ପ୍ରଦର୍ଶନ କରିଥିବା ବ୍ଲକ୍, ପଞ୍ଚାୟତ ଓ ଗ୍ରାମକୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଜିଲ୍ଲାର ୩ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉକ୍ତ ଦିବସରେ ବିଭିନ୍ନ ବିଭାଗ ତରଫରୁ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଏଲ୍ଏମ୍‌ର ଡିପିଏମ୍ ଟିମନ ୱାରା, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସ୍ଥାନୀୟ ଜନ ପ୍ରତିନିଧି, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ ଓ ଜନପ୍ରତିନିଧି ସମେତ ଜିଲ୍ଲାପରିଷଦ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଗୁମ୍ମା:** ଗୁମ୍ମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତ ସ୍ତରରେ ୯୪ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ୨୦ହଜାର ଟଙ୍କାର ୨୦୨୪-୨୫ ପ୍ରୋତ୍ସାହନ ଚେକ୍ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ତହସିଲଦାର ଶରତ ଶବର, ଜିପିଓ ଟି.ସୁରି ନାରାୟଣ,ଏଇଇ ବିଭୁ ଚନ୍ଦନ ପୂଜାରୀ, ବିପିସି ଅଲିସା ପାତ୍ର, ସିଡିପିଓ ପୁଷ୍ପାଞ୍ଜଳି ସାହୁ ଓ ଏମଓଆଇସି ପାର୍ଥ ପଣ୍ଡା ଉପସ୍ଥିତ ଥିଲେ।

**ନୂଆଗଡ:** ନୂଆଗଡ଼ ବ୍ଲକ ଖଜୁରିପଦା ବାବା ସାହେବ ଆମ୍ବେଦକର କଲେଜ ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ ଯୋଗ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ବିଭିନ୍ନ ବିଭାଗର କର୍ମଚାରୀ, ସମିତିସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ ବିଭିନ୍ନ ଯୋଜନା ଏବଂ ବ୍ଲକସ୍ତରରେ କଣ ପଦକ୍ଷେପ ନିଆଯାଇଛି ଲୋକଙ୍କୁ ସଚେତନ କରାଯାଇଥିଲା। ପଞ୍ଚାୟତ ସ୍ତରରେ ଉତ୍ତମ କାର୍ଯ୍ୟ କରିଥିବା ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ବ୍ଲକର ୧୯ ପଞ୍ଚାୟତ ମଧ୍ୟରୁ ଗ୍ରାମ୍ୟଗୃହ ନିର୍ମାଣ ବିଭାଗରେ ଉତ୍ତମ କାର୍ଯ୍ୟ କରି ଟାଙ୍ଗୀଲି ପଞ୍ଚାୟତ ପ୍ରଥମ, ତାବରଡା ଦ୍ୱିତୀୟ, କେରେଡାଙ୍ଗ ତୃତୀୟ ଏବଂ ମନରେଗା ଯୋଜନାରେ ତିତିସିଂ ପ୍ରଥମ, ତାବରଡା ଦ୍ୱିତୀୟ , ଅନୁଗୁର ତୃତୀୟ, ସେହିଭଳି ସିଏଫସି/ ଏସଏଫସି କାର୍ଯ୍ୟରେ ପି. ଅନ୍ତରଡା ପ୍ରଥମ, ଟାଙ୍ଗିଲି ଦ୍ୱିତୀୟ ଓ କେରେଡାଙ୍ଗ ପଞ୍ଚାୟତ ତୃତୀୟ ହୋଇ ପୁରସ୍କୃତ କରାଯାଇଥିଲା। ଏଥିସହ ଅନ୍ତ୍ୟୋଦୟ ଗୃହ ଯୋଜନାର ୮୭ ନୂତନ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ଓ ୨୦ ଜଣ ନୂତନ ହିତାଧିକାରୀ କାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଥିଲା।

● ପ୍ରହସନ ପାଲଟିଲା ପଞ୍ଚାୟତିରାଜ ଦିବସ ପାଳନ

# ହଜାରେ ଚେୟାରକୁ ହାତଗଣତି ଲୋକ

ବାଲିଗୁଡା,୨୫।୪(ସମିସ): କୋଟଗଡ ବ୍ଲକ କାର୍ଯ୍ୟାଳୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଥିଲା। ବ୍ଲକସ୍ତରୀୟ ସମାରୋହରେ ହେଲେ କେହି ନଥିଲେ ଲୋକ। ଅଧିକାଂଶ ଚେୟାର ଖାଲି ପଡିଥିଲା। ହଜାରେରୁ ଅଧିକ ଲୋକଙ୍କ ପାଇଁ ଚେୟାର ପଡ଼ିଥିବା ବେଳେ ହାତ ଗଣତି ମାତ୍ର କେତେ ଜଣ ଉପସ୍ଥିତ ଥିଲେ। କୋଟଗଡ ବ୍ଲକରେ କାର୍ଯ୍ୟରତ ଏଡିଓ, ଏମ୍‌ବିକେ, ସିଆରପି, ପ୍ରାଣୀମିତ୍ର କିମ୍ବା କୌଣସି ଅଙ୍ଗନବାଡ଼ି କର୍ମୀ ଓ ଜନପ୍ରତିନିଧି ସମାରୋହକୁ ନ ଆସିବା ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। କୋଟଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସନ୍ଧ୍ୟା ହେଲା ସେଥିପାଇଁ ଲୋକ ଆସିନାହାନ୍ତି ବୋଲି କହିଥିଲେ। ଜନପ୍ରତିନିଧିମାନଙ୍କୁ ବ୍ଲକ ପକ୍ଷରୁ ଚିଠି ହୋଇଛି କି ନାହିଁ ସନ୍ଦେହ। କୋଟଗଡ ବିଜେଡି ବ୍ଲକ ସଭାପତି ତଥା ବିଧାୟକ ପ୍ରତିନିଧି ମନୋଜ କୁମାର ସାବତ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ପୂର୍ବ ସରକାର ଥିଲାବେଳେ ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳନ ସମୟରେ ଆମେ ଲୋକଙ୍କୁ ଡ଼ାକୁନଥିଲୁ ଲୋକେ ଆସୁଥିଲେ। ବର୍ତ୍ତମାନ ସରକାର ସମୟରେ ଚେୟାର ଖାଲି ପଡୁଛି। ସେହିଭଳି କଂଗ୍ରେସର ଜିଲ୍ଲା ପରିଷଦ ସଭ୍ୟ ଜିରିମିୟ ସୁନାମାଝୀ ମଧ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏଥିପାଇଁ ଦାୟୀ କରିଛନ୍ତି।



ପଞ୍ଚାୟତିରାଜ ପାଳନ ଦିବସରେ ସମସ୍ତ କର୍ମଚାରୀ ରହିବା କଥା। ହେଲେ କ'ଣ ପାଇଁ ବ୍ଲକ କର୍ମଚାରୀ ଅନୁପସ୍ଥିତ ରହିଲେ, ଏଥିପାଇଁ ଦାୟୀ କିଏ? କାହାର ଭୁଲ? ସେମ୍ପର୍କରେ ତଦନ୍ତ କରିବା ନିମନ୍ତେ କୋଟଗଡ ଅଞ୍ଚଳବାସୀ ଦାବି କରିଛନ୍ତି।

